# ତହସିଲଦାରଙ୍କ କାର୍ଯ୍ୟାଳୟ, କାକଟପୁର

ନୋଟିସ ସଂଖ୍ୟା.-୪୨୪୯    ତାରିଖ.: ୧୬.୧୦.୨୦୧୮

## ଦୀର୍ଘମିଆଦି ଲଘୁ ଖଣିଜ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଅନୁଯାଇ କାକଟପୁର ତହସିଲ ଅର୍ନ୍ତଗତ ଲତାହରଣ ମୌଜାର ବାଲି ଉତ୍ସରେ ମହଜୁଦଥିବା (ଲଘୁ ଖଣିଜ ଦ୍ରବ୍ୟ) କୁ ଆଗାମି ୫ବର୍ଷ ନିମନ୍ତେ ୨୦୧୮-୧୯ ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ରେ ରେ ନେବା ପାଇଁ ଇଛୁକ ଥିବା ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ଵାନ କରାଯାଉଅଛି । ଇଛୁକ ଆବେଦନକାରୀ ୩ କିତା "M" ଫର୍ମ ପୂରଣ କରିବା ସହିତ ଏହି ତହସିଲ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୪୨୮୮ ତା୧୬.୧୦.୨୦୧୮ ରିଖରେ ଦିଆଯାଇଥିବା ସର୍ତାବଳୀ ମୁତାବକ ତା୨୨.୧୦.୨୦୧୮ ରିଖ ଠାରୁ ତା ୧୫.୧୧.୨୦୧୮ ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ଆବେଦନ କରିପାରିବେ । ଏ ସଂକ୍ରାନ୍ତୀୟ ସଂପୂର୍ଣ୍ଣ ସର୍ତାବଳୀ ପୁରୀ ଜିଲ୍ଲା Web Site-www.puri.nic.in ରୁ ଏବଂ ତହସିଲକାର୍ଯ୍ୟାଳୟ ନୋଟିସ୍ ବୋର୍ଡରୁ ଅବଗତ ହୋଇପାରିବେ ।

ରୋଜିନା ଦାସ
୧୬.୧୦.୧୮

ତହସିଲ୍‌ଦାର, କାକଟପୁର

# ତହସିଲଦାରଙ୍କ କାର୍ଯ୍ୟାଳୟ, କାକଟପୁର

ପତ୍ର ସଂଖ୍ୟା.୪୨୪୮ / ସଇରାତ                    ତାରିଖ.: ୧୬.୧୦.୨୦୧୮

ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ

( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଅନୁଯାୟୀ )

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କାକଟପୁର ତହସିଲ ଅନ୍ତର୍ଗତ ଦର୍ଶିତ ତାଲିକା (ପରିଶିଷ୍ଟ) ଅନୁଯାୟୀ ସଇରାତ (ବାଲି) ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡ଼ିକ ଅନ୍ୟୁନ ଆଗାମୀ ୫ (ପାଂଚ) ବର୍ଷ ନିମନ୍ତେ (୨୦୧୮-୧୯ ଆର୍ଥିକ ବର୍ଷଠାରୁ ୨୦୨୨-୨୩ ପର୍ଯ୍ୟନ୍ତ) ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ପ୍ରକାଶ ଥାଉକି ଲିଜ୍‌ରେ ଅଂଶ ଗ୍ରହଣ ପ୍ରକାଶ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ର ପରିଦର୍ଶନ, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଛିତ ଥିବା ଲଘୁ ଖଣିଜ ଦ୍ରବ୍ୟର ଆକଳନ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବାପରେ ବାଞ୍ଛନୀୟ । ଲିଜ ନେବା ପରେ ସୈରାତ ପରିଚାଳନା କିମ୍ବା ଗମନାଗମନ ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତୃପକ୍ଷ ଦାୟି ରହିବେ ନାହିଁ ।

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ବର୍ଣ୍ଣିତ ତିନିକିତା ଫର୍ମ M ପୂରଣ କରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

୧. ଦରଖାସ୍ତ ଫି ବାବଦକୁ ଟ.୧୦୦୦/- (ଏକ ହଜାର ଟଙ୍କା)ର ଟ୍ରେଜେରି ଚାଲାଣ (Head of Account-0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties) । ଏହି ଦରଖାସ୍ତ ଫେରସ୍ତ ଦିଆଯିବ ନାହିଁ ।

୨. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ ।

୩. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣପତ୍ର (Solvencyd Certificate) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) Requisite Extent of solvencyMinimum Guaranteed Quantity /Bank gurantee X (Offered additional charge + Royalty)

୪. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଆସ୍ଥାବର ସମ୍ପତି ତାଲିକା ।

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡ଼ା ୫ ଭାଗ ରାଶି EMD (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକକୃତ ବା Pledged ବ୍ୟାଙ୍କ ଡ୍ରାଫଟ୍ ।

୬. ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ନିର୍ଦ୍ଧାରିତଫର୍ମରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନିତ ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନରେ ଥିବା ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂଉତତ୍ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେଇ ତଥା ରୟାଲ୍‌ଟି ପରିମାଣର ଏକ ଚର୍ତୁଃଥାଂଶ (୧/୪) ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ Earnest Mony କୁ ବାଦ ଦେଇ ବଳକା ଥିବା ରାଶି ଜମା କରିବେ । ଯଦି ମନୋନିତ ଆବେଦନକାରୀ ୧୫ ଦିନ ମଧ୍ୟରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନ କରନ୍ତି, ତେବେ ତାଙ୍କର EMD ବାବଦକୁ ଜମାଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦ୍ୱିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲ୍‌ଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲା ପରେ ଅକୃତକାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Mony ଫେରସ୍ତ କରାଯିବ ।

୭. ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲ୍‌ଟି ମୂଲ୍ୟ ଅନୁଯାୟୀ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ (Minimum Guaranted Quantity) କିମ୍ବା ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଇଥିବା ଲଘୁ ଖଣିଜ ଉତୋଳନ ପରିମଣ ଯାହା ଆଧିକ ହେବ ସେହି ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜ୍‌ଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହାପରେ ଲିଜ୍‌ଧାରୀ ୭ (ସାତ) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ଲିଜ୍ Agreement ବା ଚୁକ୍ତି (ରେଜିଷ୍ଟ୍ରସନ୍ ଆକ୍ଟ - ୧୯୮୦ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯୟୀ) ସମ୍ପାଦନ କରିବେ । ଯଦି ନିର୍ବାଚିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦକ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କର EMD ଓ ଜମା କରିଥିବା ରାଶି ବାଜ୍ୟାପ୍ତି କରି ସରକାରଙ୍କ ନିକଟରେ ଜମା ଦିଆଯିବ । ଏହା ବ୍ୟତୀତ ଆବେଦନକାରୀ ବା ଲିଜ୍‌ଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରାୟଲ୍‌ଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ଶତକଡା ୧୦ ଭାଗ ଅର୍ଥ ଜମାକରିବାକୁ ପଡିବ ।

୮. ଲିଜ୍‌ଧାରିଙ୍କୁ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲ୍‌ଟି ଏବଂ ଅତିରିକ୍ତ ଦେୟ ସହିତ Dead Rent.com pensatory Aforestation କ୍ଷତି ପୂରଣ ବନୀକରଣ ନିମନ୍ତେ ଫି ଏବଂ Surface Rent ଦାଖଲ କରିବାକୁ ପଡିବ । ଲିଜ୍‌ଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲ୍‌ଟି / AforestationDead Rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ । ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ । ତେଣୁ ଲିଜ୍‌ଧାରୀଙ୍କୁ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲିଟ୍ DMF ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ । ଯଦି ଲିଜ୍‌ଧାରୀ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଉତୋଳନ କରିବେ, ତେବେ ସେଥିପାଇଁ ଲିଜ୍‌ଧାରୀଙ୍କୁ ଅଧିକ ଉତ୍ତୋଳନର ସମସ୍ତ ଦେୟ ତହସିଲଦାର, କାକଟପୁର ଠାରେ ଦାଖଲ କରିବାକୁ ପଡିବ ।

୯. ଯଦି କୌଣସି ବିବାଦୀୟ ପରିସ୍ଥିତି ଉପୁଜେ ତେବେ ତାହା ନିମାପଡ଼ା ସିଭିଲ୍ କୋର୍ଟ କିମ୍ବା ହାଇକୋର୍ଟ କଟକଙ୍କ ଦ୍ୱାରା ସ୍ଥିରୀକୃତ ସର୍ତ୍ତାବଳୀକୁ ମାନିବାକୁ ବାଧ୍ୟ ।

୧୦. ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଂଘନ କଲେ ଜମା ଦେଇଥିବା ସିକ୍ୟୁରିଟି ଜମା ରାଶିକୁ ବାଜ୍ୟାପ୍ତି କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୧. ସର୍ବୋଚ୍ଚ ଲିଜଧାରୀ ବାର୍ଷିକ ନିଲାମର ମୂଲ୍ୟର ୨% (ଶତକଡା ଦୁଇ) ଆୟକର ବାବଦକୁ ପ୍ରତ୍ୟେକ ବର୍ଷ ଜମା କରିବେ ।

୧୨. ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ-ଦିଆ ଲଫାପାରେ ଆବେଦନ କରୁଥିବା ଉତ୍ସର ନାମ ଏବଂ ସଂଖ୍ୟା ଉଲ୍ଲେଖି କରି ରେଜଷ୍ଟ୍ରି ଡାକ ଯୋଗେ ଉକ୍ତ ଠିକଣାରେ (ଠିକଣା-କାକଟପୁର ତହସିଲ କାର୍ଯ୍ୟାଳୟ, କାକଟପୁର, ସା/ପୋ-କାକଟପୁର, ଜିଲ୍ଲା-ପୁରୀ,ପିନ୍-୭୫୨୧୦୮) ରେପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଜଉମୁଦ-ଦିଆ ଟେଣ୍ଡର ବାକ୍ସରେ ତା୨୭.୧୦.୨୦୧୮ ରିଖରୁ ତା୧୫.୧୧.୨୦୧୮ ରିଖ ମଧରେ ଯେକୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘ ଅପରାହ୍ନ ୫ ଘଟିକା ମଧରେ ଦାଖଲ କରିପାରିବେ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

୧୩. ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲିଟି ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଦରଖାସ୍ତ ଗୁଡିକ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା୧୬.୧୧.୨୦୧୮ ରିଖ ଦିବା ୧୦ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । ଆବେଦିତ ଦରଖାସ୍ତ ମାନଙ୍କ ମଧରେ ରୟାଲଟି ଉପରେ ସର୍ବାଧିକ ଅତିରିକ୍ତ ( Additional Charge ) ଦେୟ ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇଥାନ୍ତି, ତେବେ ଲଟେରି ମାଧମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ମନୋନୀତ ଆବେଦନକାରୀ ଚାରୀମାସ ମଧରେ Mining Plan ତଥା Environmental ଦାଖଲ କରିବା ବାଧତାମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ଲିଜ୍ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ ।

୧୪. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ୍-୨୦୧୬ ଓ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ଆଇନ୍-୨୦୧୭ ନିୟମାବଳି ପ୍ରକାରେ ସମସ୍ତ ଦେୟ ଜମାଦେଇ ଲିଜ ପାଇଁ ଚୁକ୍ତିପତ୍ର ସମ୍ପାଦନା କରିବା ହେବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍‌ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା ହେଲେ ତା୧୯.୧୧.୨୦୧୮ ରିଖ ଠାରୁ ତା୦୬.୧୨.୨୦୧୮ ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତି ମାନେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ, ସେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ତା୦୭.୧୨.୨୦୧୮ରିଖ ଦିବା ୧୧ ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ୍ ନିମନ୍ତେ ଚୟନ କରାଯିବ ସେହିପରି ଯଦି ଦ୍ୱିତୀୟଥର ମଧ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଉତ୍ସ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ପାଇଁ ତା୧୦.୧୨.୨୦୧୮ ରିଖ ରୁ ତା୨୬.୧୨.୨୦୧୮ ରିଖ ମଧରେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ ଏବଂ ସେ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ତା୦୭.୧୨.୨୦୧୮ରିଖ ଦିବା ୧୧ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସାକ୍ଷରକାରୀଙ୍କର ରହିଛି ।

N.B - ଖବରକାଗଜରେ ବିଜ୍ଞାପନ ନିମନ୍ତେ ସମସ୍ତ ଖର୍ଚ୍ଚ ଯୋଗ୍ୟ ବିବେଚିତ ହୋଇଥିବା ନିଲାମଧାରୀ ବହନ କରିବେ ।

ରୋଜିନା ଦାଶ
୧୨.୧୦.୧୮

ତହସିଲ୍‌ଦାର, କାକଟପୁର

| କାକଟପୁର ତହସିଲ୍ ଅନ୍ତର୍ଗତ ସୈରାତ ଉତ୍ସର ତାଲିକା | | | | | | | | | |
|---|---|---|---|---|---|---|---|---|---|
| କ୍ର.ନଂ. | ସୈରାତ ନଂ. | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ରକବା | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ସର୍ବନିମ୍ନ ଉଠାଇବାର କ୍ଷମତା |
| ୧ | ୧ | ଲତାହରଣ | ବାଉରିଆକଣ<br>(ବାଲିଘାଟ) | ୧୬୦୮ | ୧୭୮୦<br>୧୬୮୦ | ନଦୀ | ଏ୦.୫୦ଡ଼ି<br>ଏ୨୩.୧୦ଡ଼ି | ଟ୨୦.୦୦ଙ୍କା + ଟ୩୦.୦୦ଙ୍କା | ୧୦,୦୦୦କ୍ୟୁ.ମି. |
| | | | | | | | | | |

ରୋଜିନା ଦାସ
୧୬.୧୦.୧୮
ତହସିଲଦାର, କାକଟପୁର